# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**29 March - 2026**

***********************************

## <u>ମୁଖ୍ୟ ସମ୍ବାଦ</u>

- ଗୁଜବରେ ବିଶ୍ୱାସ ନ କରି ସରକାରଙ୍କ ପ୍ରଦତ୍ତ ସୂଚନା ଉପରେ ଭରସା କରିବାକୁ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

— ଓଡିଶାର ନାରୀଶକ୍ତି ଓ ଯୁବ ସାମର୍ଥ୍ୟକୁ କଲେ ପ୍ରଶଂସା

- ଭୁବନେଶ୍ୱରଠାରେ ଆଜି ଉଦ୍‌ଯାପିତ ହେଉଛି 'ଓଡିଶା ଖଦୀମେଳା ୨୦୨୬'

- ପୁରୀ ସାହିଯାତରେ ଆଜି ଅନୁଷ୍ଠିତ ହେଉଛି ପର୍ଶୁରାମ କଳାହରଣ ନୀତି

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ଆକାଶବାଣୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କ ସହିତ ଭାବବିନିମୟ କରିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି  ଉପରେ ଚିନ୍ତା ପ୍ରକଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପେଟ୍ରୋଲ ଏବଂ ଡିଜେଲକୁ ନେଇ ସାରା ବିଶ୍ୱରେ ସଙ୍କଟ ଦେଖାଦେଇଛି । ମଧ୍ୟପ୍ରାଚ୍ୟ ଅଞ୍ଚଳ ଭାରତର ଶକ୍ତି ଆବଶ୍ୟକତାର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଏହା ଏକ ଆହ୍ୱାନପୂର୍ଣ୍ଣ ସମୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି....

**- V/O - (PM)**

ମଧ୍ୟପ୍ରାଚ୍ୟରେ ରହୁଥିବା ଏକ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଉପସାଗରୀୟ ଦେଶଗୁଡ଼ିକ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଉଛି । ଯାହା ବାସ୍ତବରେ ପ୍ରଶଂସାଯୋଗ୍ୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ଗୁଜବରେ ବିଶ୍ୱାସ ନ କରି ସତର୍କ ରହିବା ସହିତ ସରକାରଙ୍କ ତଥ୍ୟ ଉପରେ ଭରସା କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଭାରତ ବିଶ୍ୱର ସର୍ବବୃହତ ଯୁବଶକ୍ତିର ଦେଶ । ରାଷ୍ଟ୍ରନିର୍ମାଣରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କ୍ଷେତ୍ରରେ 'ମାଇ ଭାରତ' ସଂଗଠନ ପ୍ରମୁଖ  ଭୂମିକା ଗ୍ରହଣ କରୁଛି ।

ଦେଶର ଯୁବକମାନଙ୍କୁ ବିଭିନ୍ନ ସକାରାତ୍ମକ କାର୍ଯ୍ୟକଳାପ ସହିତ ଯୋଡୁଥିବାରୁ ପ୍ରଧାନମନ୍ତ୍ରୀ ଏହି ସଙ୍ଗଠନକୁ ପ୍ରଶଂସା କରିଛନ୍ତି ।

ସମ୍ବଲପୁରର ସୁଜାତା ଭୂୟାଁ ହୀରାକୁଦ ଜଳଭଣ୍ଡାରରେ କେଜ୍ କଲଚର ମାଧ୍ୟମରେ ମାଛ ଚାଷ କରି ଆତ୍ମନିର୍ଭର ହେବା ସହିତ ଅନ୍ୟ ମହିଳାମାନଙ୍କ

ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସାଜିଛନ୍ତି । ଗୃହିଣୀରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କର ଏହି ଯାତ୍ରା ନାରୀ ସମାଜକୁ ପ୍ରେରିତ କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ।

ମାଇ ଭାରତ ବଜେଟ୍ କ୍ୱେଷ୍ଟ-୨୦୨୬ରେ ଓଡ଼ିଶା କେନ୍ଦ୍ରାପଡା ଜିଲ୍ଲାର ଯୁବପ୍ରତିଭା ଓମ୍‌ପ୍ରକାଶ ରଥଙ୍କ ସଫଳତାକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରି କହିଛନ୍ତି, ଦେଶର ନୀତିନିର୍ଦ୍ଧାରଣରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ ମାଇ ଭାରତ ବଜେଟ୍ କ୍ୱେଷ୍ଟ ଏକ ଅନନ୍ୟ ପ୍ରୟାସ । ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ତଥା ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବାରେ ଓମପ୍ରକାଶ ରଥଙ୍କ ଭଳି ଯୁବପିଢ଼ିଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ପ୍ରତ୍ୟେକଟି ପ୍ରୟାସ ଦେଶର ଭବିଷ୍ୟତ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ ।

## - V/O - (PM)

ପ୍ରଧାନମନ୍ତ୍ରୀଙ୍କ ସହିତ ବାର୍ତ୍ତାଳାପ ପରେ ଓମ୍‌ପ୍ରକାଶ ଖୁସି ବ୍ୟକ୍ତ କରି ପ୍ରତିକ୍ରିୟାରେ କହିଛନ୍ତି....

## - V/O -(Om Prakash)

ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ,ବେଙ୍ଗାଲୁରର ପ୍ରୟୋଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ରିସର୍ଚ୍ଚର କାର୍ଯ୍ୟକୁ ଗୁରୁତ୍ୱ ଦେଇଥିଲେ । ଅନ୍ୱେଷଣ ମାଧ୍ୟମରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏବଂ ଗବେଷଣାଭିତ୍ତିକ ଶିକ୍ଷାଦାନ ବିକଶିତ ଭାରତ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଜାତୀୟ ଶିକ୍ଷାନୀତି ଅଧୀନରେ ଖେଳକୁ ଶିକ୍ଷା ସହିତ ସମାନ ଗୁରୁତ୍ୱ ପ୍ରଦାନ କରାଯାଉଛି । ଅସ୍ମିତା ଆଥଲେଟିକ୍ସ ଲିଗ୍‌ରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଅଂଶଗ୍ରହଣ ଏବଂ ଗୁଲମର୍ଗର ଖେଲୋ ଇଣ୍ଡିଆ ଊିଣ୍ଟର ଗେମ୍‌ସ୍ ଦେଶର କ୍ରୀଡା ଜଗତରେ ଏକ ନୂତନ ଅଧ୍ୟାମାରମ୍ଭ । 'ଜୋ ଖେଲେଗା ୱୋ ଖିଲେଗା' ମନ୍ତ୍ରରେ ଆଜି ଭାରତର ଯୁବଶକ୍ତି ଆଗକୁ ବଢୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଖାଇବା ତେଲକୁ ୧୦ ପ୍ରତିଶତ ହ୍ରାସ କରିବା ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଏହି ଛୋଟ ପ୍ରୟାସ ମେଦବହୁଳତା ଏବଂ ଜୀବନଶୈଳୀ ଜନିତ ରୋଗକୁ ଦୂରେଇ ପାରିବ ।

ଶିକ୍ଷା ମାଧ୍ୟମରେ ଅତୀତକୁ ସଂରକ୍ଷିତ ରଖିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ଲାଗି ନାଗା ସମ୍ପ୍ରଦାୟର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ଦେଶର ଅନେକ ଭାଗରେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ ଜଳ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇବାର ସମୟ ଉପନୀତ ହୋଇଛି । ଗତ ୧୧ ବର୍ଷ ମଧ୍ୟରେ 'ଜଳ ସଞ୍ଚୟ ଅଭିଯାନ' ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିଛି । ଏହି ଅଭିଯାନ ଅଧୀନରେ ସାରା ଦେଶରେ ପ୍ରାୟ ୫୦ ଲକ୍ଷ କୃତ୍ରିମ ଜଳ ଅମଳ ଢାଞ୍ଚା ସୃଷ୍ଟି କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

କେନ୍ଦ୍ର ସରକାର ମତ୍ସ୍ୟଜୀବିଙ୍କୁ ଆତ୍ମନିର୍ଭର ଏବଂ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି । ମତ୍ସ୍ୟଜୀବୀମାନେ କେବଳ ସମୁଦ୍ରର ଯୋଦ୍ଧା ନୁହନ୍ତି, ବରଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖୁଛନ୍ତି ।

‘ଏକ୍ ପେଡ଼ ମା’ କେ ନାମ’ ଅଭିଯାନ ଅଧୀନରେ ସମଗ୍ର ଦେଶରେ ଲକ୍ଷ ଲକ୍ଷ ବୃକ୍ଷ ରୋପଣ କରାଯାଇଛି । ଶ୍ରୀ ମୋଦୀ ଏହାକୁ ପ୍ରେରଣାଦାୟକ ବୋଲି କହିଛନ୍ତି ।

‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି’ ଯୋଜନାର ପ୍ରଭାବ ଦେଶର ପ୍ରତ୍ୟେକ କୋଣ-ଅନୁକୋଣରେ ଦେଖିବାକୁ ମିଳୁଛି ।  ବିଶେଷ କରି ଏହା ଉତ୍ତର-ପୂର୍ବାଞ୍ଚଳ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଧନ୍ୟବାଦ-କେନ୍ଦ୍ରମନ୍ତ୍ରୀ

ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସମ୍ବଲପୁରର ସୂଜାତା ଭୂୟାଁ ଓ କେନ୍ଦ୍ରାପଡାର ଓମ୍‌ପ୍ରକାଶ ରଥଙ୍କ ସଫଳତାକୁ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।  ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ । ମାଛଚାଷ କରି ଶ୍ରୀମତୀ ଭୂୟାଁ ଗୃହିଣୀରୁ ସଫଳ ଉଦ୍ୟୋଗୀ ସାଜି ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଦେଶର ନୀତି ନିର୍ଦ୍ଧାରଣରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ ‘ମାଇ ଭାରତ ବଜେଟ୍ କ୍ୱେଷ୍ଟ’ ଏକ ଅନନ୍ୟ ପ୍ରୟାସ । ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ତଥା ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବାରେ ଓମ୍ ପ୍ରକାଶ ରଥଙ୍କ ଭଳି ଯୁବପିଢ଼ିଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ପ୍ରତ୍ୟେକଟି ପ୍ରୟାସ ଦେଶର ଭବିଷ୍ୟତ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

## ସମ୍ବର୍ଦ୍ଧନା

ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ରଥ ପ୍ରଧାନମନ୍ତ୍ରୀଙ୍କ

ଦ୍ୱାରା ପ୍ରଶଂସିତ ହେବା ପରେ ସ୍ଥାନୀୟ ନାଗରିକ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। 'ମାଇ ଭାରତ' ଆପ୍‌ରେ ମହିଳା ସଶକ୍ତୀକରଣ ଉପରେ ସେ ଲେଖିଥିବା ଏକ ନିବନ୍ଧ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

## ଖଦୀ ମେଳା

ଭୁବନେଶ୍ୱର ରାମମନ୍ଦିର ନିକଟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଚାଲିଥିବା ଓଡ଼ିଶା ଖଦୀମେଳା ୨୦୨୬ର ଆଜି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି। ଖଦୀମେଳା ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଛି। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ମେଳାରେ ଲାଇଭ୍ ଡେମୋଷ୍ଟ୍ରେସନ୍‌ର ବ୍ୟବସ୍ଥା କରାଯାଇଛି। ଚଳିତଥର ମୋଟ୍ ୭୫ଟି ଷ୍ଟଲ୍ ଖୋଲାଯିବା ସହିତ ତେଲେଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ରାଜ୍ୟର ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନେ ଅଂଶଗ୍ରହଣ କରିଥିଲେ। ଖଦୀବସ୍ତ୍ରକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ କାରିଗରଙ୍କୁ ରୋଜଗାର ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଉଛି।

## ସାହିଯାତ

**ପୁରୀ** ଶ୍ରୀକ୍ଷେତ୍ରରେ ଗତ ରାମନବମୀଠାରୁ ସାହିଯାତ ଆରମ୍ଭ ହୋଇଛି। ପ୍ରଥମଦିନ କାଳିକା ଦେବୀ ସାହି ପକ୍ଷରୁ ରାମଜନ୍ମଲୀଳା ପ୍ରସ୍ତାବ ଅନୁଷ୍ଠିତ ହୋଇଥିଲା। ସାହିର ଆଖଡା ପକ୍ଷରୁ ଏହି ଯାତ ବାହାରି ବାଲିସାହି ମାଟି ମଣ୍ଡପକୁ ଯାଇଥିଲା। ରାମଜନ୍ମଲୀଳା ପ୍ରସ୍ତାବ ପାଇଁ ରାମ, ଲକ୍ଷ୍ମଣ, ଭରତ,

ଶତ୍ରୁଘ୍ନ, ବିଶ୍ୱାମିତ୍ର ନୀତି ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଆଜି ପର୍ଶୁରାମ କଳାହରଣ ନୀତି ହରଚଣ୍ଡୀ ସାହି ପକ୍ଷରୁ ଅନୁଷ୍ଠିତ ହେବ। ସାହିଯାତରେ ମେଢ଼, ନାଗା, ତ୍ରିଶିରା, ପଞ୍ଚଶିରା, ସପ୍ତଶିରା, ନଶିରା ଓ ନିଜ ଆଖଡାର ବୀରତ୍ୱ ପ୍ରଦର୍ଶନ ପାଇଁ ବିଭିନ୍ନ ପ୍ରକାର  ଖେଳ ବନାଟୀ, ତରବାରୀ, ଲାଠି ଆଦି ପ୍ରଦର୍ଶିତ ହୋଇଥାଏ।

## ବୁଝାମଣାପତ୍ର

**ଭଦ୍ରକ** ଜିଲ୍ଲା ପ୍ରଶାସନ ଏବଂ ମହାନଦୀ କୋଲ ଫିଲ୍ଡ ଲିମିଟେଡ ମଧ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଧାମନଗର ନିର୍ବାଚନମଣ୍ଡଳୀରେ ଅଙ୍ଗନୱାଡି କେନ୍ଦ୍ର ଓ ୫୦ଟି ପ୍ରାଥମିକ ବିଦ୍ୟାଳୟରେ ୫ କୋଟି ୧୦ ଲକ୍ଷ ୭୯ ହଜାର ୬୫୦ଟଙ୍କା ବ୍ୟୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ଜଣାପଡିଛି। ଏଥିରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଆଇଆର

**ବଲାଙ୍ଗିର** ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁଇଁତଲା ବ୍ଲକ୍ ଆଟଗାଁ କଲ୍ୟାଣମଣ୍ଡପରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏଥିରେ ଯୋଗଦେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଇଥିଲେ।

## କ୍ୟାମ୍ବୋରୀ ଉତ୍ସବ

**କଳାହାଣ୍ଡି** ଜିଲ୍ଲା ଧର୍ମଗଡ଼ ପଡିଆରେ ସ୍କାଉଟ୍ ଓ ଗାଇଡ୍‌ର ଦୁଇଦିନିଆ କ୍ୟାମ୍ପୋରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାର ୧୩ଟି ବ୍ଲକ୍‌ର ୬୧୨ ଜଣ ଶିବିରାର୍ଥୀ ଏଥିରେ ଯୋଗଦେଇଛନ୍ତି ।   ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଲକ୍ଷ୍ମଣ ନାୟକ-ଶ୍ରାଦ୍ଧବାର୍ଷିକୀ

ରାଜ୍ୟର ବିଭିନ୍ନ ସ୍ଥାନରେ ସହିଦ୍ ଲକ୍ଷ୍ମଣ ନାୟକଙ୍କ ୮୪ତମ ଶ୍ରାଦ୍ଧଦିବସ ପାଳନ କରାଯାଇଛି ।

**ମାଲକାନଗିରି** ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ ଲକ୍ଷ୍ମଣ ନାୟକଙ୍କ ବଳିଦାନ କେବଳ ଇତିହାସର ଏକ ପୃଷ୍ଠା ନୁହେଁ, ବରଂ ଛାତ୍ର ସମାଜ ପାଇଁ ଦେଶପ୍ରେମ ଓ ସାହସିକତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହିଥିଲେ ।

ଭୁବନେଶ୍ୱର ଜୟଦେବ ଭବନଠାରେ ଆଜି ସନ୍ଧ୍ୟାରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ନିମନ୍ତ୍ରଣପତ୍ର ବଣ୍ଟନ

**ବୌଦ୍ଧ** ବ୍ଲକ୍ ବାଉଁଶୁଣୀ ଅଂଚଳରେ ଏକ ସ୍ୱତନ୍ତ୍ର ଅଭିଯାନରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣପତ୍ର ବଣ୍ଟନ କରିଛନ୍ତି । ଏଥିସହ ଆସନ୍ତା ଏପ୍ରିଲ ଦୁଇ ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ

ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନଙ୍କୁ ସଚେତନ କରିଥିଲେ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହିତ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମସ୍ତ ଜିଲ୍ଲାରେ ଝଡ଼ବର୍ଷା ସହିତ ପବନର ବେଗ ଘଣ୍ଟାପ୍ରତି ୫୦ ରୁ ୬୦ କିଲୋମିଟର ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ଆଗାମୀ ଦୁଇ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ଦୁଇରୁ ତିନି ଡ଼ିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।